SAKALA 01 04 2026

ସକାଳ
THE SAKALA
Cuttack - 01 Apr 2026 - Page 5

# ଜନଗଣନା ବିଜ୍ଞପ୍ତିକୁ ହାଇକୋର୍ଟରେ ଚ୍ୟାଲେଞ୍ଜ

କଟକ,୩୧।୩(ସମିସ):କେନ୍ଦ୍ର ସରକାରଙ୍କ ପକ୍ଷରୁ ଜାରି ହୋଇଥିବା ୨୦୨୬-୨୭ଜନଗଣନା ବିଜ୍ଞପ୍ତିକୁ ଚ୍ୟାଲେଞ୍ଜ କରି ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ ହୋଇଛି। କଟକ ସହରର ସାମାଜିକ କର୍ମୀ ଜୟନ୍ତୀ ଦାସଙ୍କ ପକ୍ଷରୁ ଦାୟର ଏହି ଆବେଦନରେ ଜନଗଣନା ପାଇଁ ପଚରାଯିବାକୁ ଥିବା ପ୍ରଶ୍ନାବଳୀରେ ଥିବା କେତେକ ବିଷୟକୁ ଅଯୌକ୍ତିକ ଓ ବେଆଇନ ବୋଲି ଦର୍ଶାଯାଇଛି। ୨୦୨୬ଜାନୁଆରି ୨୨ରେ ପ୍ରକାଶିତ ଗେଜେଟ୍ ବିଜ୍ଞପ୍ତିରେ ନାଗରିକଙ୍କ ବ୍ୟକ୍ତିଗତ ତଥ୍ୟର ସୁରକ୍ଷା ପାଇଁ କୌଣସି ସ୍ପଷ୍ଟ ବ୍ୟବସ୍ଥା ନାହିଁ। ଏହି ତଥ୍ୟର ଅପବ୍ୟବହାର ବା ଲିକ୍ ହେବାର ଆଶଙ୍କା ରହିଥିବା ମାମଲାରେ ଦର୍ଶାଯାଇଛି। ଏଭଳି ପ୍ରଶ୍ନାବଳୀର ସଂଶୋଧନ କରିବା ପାଇଁ ଆବେଦନରେ ପ୍ରାର୍ଥନା କରାଯାଇଛି। ଜନଗଣନା ପ୍ରଶ୍ନୋତ୍ତରୀରେ ଘରର ଚଟାଣ, କାନ୍ଥ ଓ ଛାତର ସାମଗ୍ରୀ, ଟେଲିଭିଜନ, ଇଣ୍ଟରନେଟ୍, ଗାଡ଼ି ଏବଂ ଏଲପିଜି ସଂଯୋଗ ଭଳି ଅନେକ ତଥ୍ୟ ମଗାଯାଇଛି। ଏହି ସବୁ ତଥ୍ୟ ଜନଗଣନାର ମୂଳ ଉଦ୍ଦେଶ୍ୟ (ଜନସଂଖ୍ୟା ଗଣନା) ସହ ସାଧାରଣତଃ ଜଡ଼ିତ ନୁହେଁ ବୋଲି ଆବେଦନରେ କୁହାଯାଇଛି। ଏହି ମାମଲାରେ ରେଜିଷ୍ଟ୍ରାର ଜେନେରାଲ ଏବଂ ଜନଗଣନା କମିଶନରଙ୍କ ସମେତ ଓଡ଼ିଶା ସରକାରଙ୍କ ମୁଖ୍ୟ ଶାସନ ସଚିବ, ଗୃହ ସଚିବ , ନଗର ଉନ୍ନୟନ ସଚିବ ଓ ରାଜସ୍ୱ ସଚିବଙ୍କୁ ପକ୍ଷଭୁକ୍ତ କରାଯାଇଛି। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ବିଜୟ କୁମାର ରଗଡ଼ ଏହି ମାମଲା ପରିଚାଳନା କରିବେ।